ସକାଳ
THE SAKALA



## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସାଇବର୍ ଠକେଇର ଶିକାର

ଲକ୍ଷ୍ମୀପୁର,୨୫।୫(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ବୁର୍ଜା ଗାଁର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମାନାଥ କନ୍ଧପାନଙ୍କ ଠାରୁ ୭୦ ହଜାର ଟଙ୍କା ସାଇବର ଠକ ଠକି ନେଇଥିବା ନେଇ ଲକ୍ଷ୍ମୀପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ଲକ୍ଷ୍ମୀପୁର ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ମଧ୍ୟ ଅବଗତ କରି ସମସ୍ତ ବିଷୟ ଉପସ୍ଥାପନ କରି ନିଜ ଆକାଉଣ୍ଟକୁ ଲକ୍ କରିବାକୁ ଅନୁରୋଧ କରିଥିଲେ। ଏହା ପରେ ସାଇବର୍ ଥାନାକୁ ଜଣାଇଥିଲେ। ସୂଚନା ଥାଉ କି ସୋମବାର ଅପରାହ୍ନ ସମୟରେ ଏକ କଲ ଶ୍ରୀ କନ୍ଧପାନଙ୍କ ନିକଟକୁ ଆସି ଥିଲା। ତାଙ୍କ ଅବସରକାଳୀନ ବିଷୟ ଉପରେ ବାର୍ତ୍ତାଳାପ କରି ଦୁଇଟି କିସ୍ତିରେ ଟଙ୍କା ହଡପ୍ କରି ନେଇଥିବା କହିଛନ୍ତି।

## ଟ୍ରକ୍-ବାଇକ୍ ଧକ୍କା, ବାଇକ ଚାଳକ ମୃତ

ରାୟଗଡ଼,୨୫।୫(ସମିସ): ୩୨୬ ନମ୍ବର ଜାତୀୟ ରାଜପଥ ରାୟଗଡ-ଜେକେପୁର ମଧ୍ୟରେ ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଆଜି ସଂଧ୍ୟାରେ ଟ୍ରକ୍- ବାଇକ୍ ମଧ୍ୟରେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ହେମନ୍ତ କୁମାର ପାଟ୍ଟଖଣ୍ଡଳ (୩୯)। ଚାନ୍ଦିଲି ଥାନା ଅର୍ନ୍ତଗତ ଭାକୁରଗୁଡା ଜଙ୍କସନ ସ୍ଥିତ ବୁଲେଟ ଶୋ' ରୁମ ଓ ନାୟରା ପେଟ୍ରୋଲ ପମ୍ପ ମଧ୍ୟରେ ଏହି ସଡ଼କ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଚାନ୍ଦିଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବାଇକ୍ ଚାଳକ ହେମନ୍ତ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ପଡିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ହେମନ୍ତଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନା ପ୍ରକାରେ,ହେମନ୍ତ ଆଜି ସଂଧ୍ୟାରେ ଜେକେପୁରରୁ ରାୟଗଡ ଅଭିମୁଖେ ନିଜ ବାଇକ (ଓଡି୧୮ ଇ-୯୬୭୭)ରେ ଫେରୁଥିବା ବେଳେ ନାୟରା ପେଟ୍ରୋଲ ପମ୍ପ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ (ଡବ୍ଲୁବି ୨୩ଡି ୭୨୦୧)ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡିଥିଲେ। ମୃତ ହେମନ୍ତ ଏକ ଘରୋଇ ବୀମା କମ୍ପାନୀର କର୍ମଚାରୀ ଥିଲେ ବୋଲି ଜଣାପଡିଛି। ମୃତ୍ୟୁ ଖବର ପାଇ ପରିବାର ଓ ସଂପର୍କୀୟ ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏ ନେଇ ଚାନ୍ଦିଲି ଥାନାରେ ମୃତ ହେମନ୍ତଙ୍କ ଦାଦା ତଥା ରାୟଗଡର ସାମ୍ବାଦିକ ରବିନ୍ଦ୍ର ପାଟ୍ଟଖଣ୍ଡାଳ ଲିଖିତ ଅଭିଯୋଗ କରି ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି।

# ପତ୍ନୀକୁ ହତ୍ୟା ଅଭିଯୋଗରେ ଯୁବକ ଗିରଫ



ଜୟପୁର, ୨୫।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସଦରଥାନାର ପାଲିଗୁଡା ଗ୍ରାମଠାରେ ପତ୍ନୀ କମଳା ମାଝିଙ୍କୁ ହତ୍ୟା କରିଥିବା ଅଭିଯୋଗରେ ସ୍ୱାମୀ ବିଭୀଷଣ ମାଝି (୪୩)ଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗତକାଲି ପତ୍ନୀ କମଳାଙ୍କ ତାଙ୍କ ଗ୍ରାମ ପାଲିଗୁଡା ଠାରେ ମୃତ୍ୟୁ ହୋଇଥିଲା। ଏଥିନେଇ ଖବରପାଇ ମୃତାଙ୍କ ମାମୁପୁଅ ଭାଇ ପୂର୍ଣ୍ଣ ମାଝି ଗ୍ରାମରେ ପହଞ୍ଚିଥିଲେ। କିନ୍ତୁ ମୃତାଙ୍କ ପାଟିରୁ ରକ୍ତସ୍ରାବ ଚିହ୍ନ ଏବଂ ପିଠିରେ ମାଡ ମାରିବା ଚିହ୍ନ ରହିଥିଲା । ତେଣୁ ଅଭିଯୋଗକାରୀ ଭାଇ ପୂର୍ଣ୍ଣ ମାଝିଙ୍କ ସନ୍ଦେହ ହୋଇଥିଲା ଏବଂ ଗ୍ରାମରେ ପଚରାଉଚରା ବେଳେ କିଛି ତଥ୍ୟ ଜାଣିବାକୁ ପାଇଥିଲେ। ଶେଷରେ ତାଙ୍କର ଭଉଣୀର ପ୍ରାକୃତିକ ଭାବେ ମୃତ୍ୟୁ ହୋଇନାହିଁ । ବ୍ୱାଇଁ ଅଭିଯୁକ୍ତ ବିଭୀଷଣ ମାଡମାରି ହତ୍ୟା କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥନେଇ ସଦରଥାନା ପୁଲିସ ଶବ ଜବତ କରିଥିବା ବେଳେ ଶବ ବ୍ୟବଚ୍ଛେଦ କରାଯାଇଥିଲା ଏବଂ ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ନେଇ ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## କାର ସହ ଗଞ୍ଜେଇ ଜବତ, ୩ ଗିରଫ







କାକିରିଗୁମା,୨୫।୫(ସମିସ): କୋରାପୁଟ ଜିଲ୍ଲା କାକିରିଗୁମା ଥାନା ପୁଲିସ୍ ରବିବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଏକ କାର ସହ ଗଞ୍ଜେଇ ଜବତ କରି ଘଟଣାରେ ତିନି ଜଣଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ରବିବାର ମଧ୍ୟରାତ୍ରିରେ ପଞ୍ଚଡା ଛକ ବ୍ରିଜ୍ ନିକଟରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କାକିରିଗୁମା ପୁଲିସ୍ ଟିମ୍ ପେଟ୍ରୋଲିଂ କରି ଫେରୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ କାର ଦେଖି ଅଟକି ଥିଲେ ଏବଂ କାରରେ ଥିବା ତିନିଜଣ ଯୁବକଙ୍କୁ ସମସ୍ୟା ସଂପର୍କରେ ପଚାରି ବୁଝିଥିଲେ। ଯୁବକ ମାନେ ପୁଲିସକୁ ଦେଖି ଖସିଯିବାକୁ ଚେଷ୍ଟା କରୁଥିଲେ। ସେମାନଙ୍କ ହାବଭାବକୁ ସନ୍ଦେହ କରି ପୁଲିସ ଯାଞ୍ଚ କରିବା ବେଳେ କାର ଭିତରେ ୨୪ କିଲୋ ଗଞ୍ଜେଇ ଥିବା ଜଣା ପଡିଥିଲା। କାର ଓ ଗଞ୍ଜେଇ ଜବତ କରିବା ସହ ତିନି ଜଣଙ୍କୁ ଥାନାକୁ ନେଇ ଜେରା କରିବା ପରେ ସମସ୍ତ କଥା ଜଣା ପଡିଥିଲା। ଗିରଫ ଯୁବକ ମାନେ ମହାରାଷ୍ଟ୍ରର ବୋଲି ସୂଚନା ମିଳିଛି। ଲକ୍ଷ୍ମୀପୁର ଏସଡିପିଓ ମନୋଜ ବେହେରା , ଲକ୍ଷ୍ମୀପୁର ଥାନା ଅଧିକାରୀ ସୁଜ୍ଞାନି ସାହୁ ତଦନ୍ତ ଜାରି ରଖିଛନ୍ତି। ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ମା' ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା

ପାପଡ଼ାହାଣ୍ଡି,୨୫।୫(ସମିସ): ପାପଡ଼ାହାଣ୍ଡି ସଦର ମହକୁମାଠାରେ ମା' ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ବାଜାବାଜଣା, ପାରମ୍ପରିକ ନୃତ୍ୟ ସହ ଆତସବାଜିରେ ମା'ବୁଢ଼ୀ ଠାକୁରାଣୀ ଗ୍ରାମ ପରିକ୍ରମାରେ ବାହାରିଥିଲେ। ଏହା ଦେଖିବାକୁ ରାସ୍ତା ଦୁଇକଡ଼ରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ନଅଦିନ ଧରି ଚାଲିବାକୁ ଥିବା ଏହି ଘଟଯାତ୍ରାର ପ୍ରଥମ ଦିନରେ ମାଝୀଗୁଡ଼ା ଭଉଣୀଙ୍କ ମନ୍ଦିର ଗ୍ରାମରେ ପହଞ୍ଚି ପୂଜା ପାଇଥିଲେ। ସେଠାରୁ ସନ୍ଧ୍ୟାରେ ଫେରିବା ସମୟରେ ଢେମସା ସହ ମା' ଠାକୁରାଣୀଙ୍କୁ ଗ୍ରାମବାସୀ ପାଛୋଟି ଆଣିଥିଲେ। ନଅଦିନ ଭିତରେ ବୁଢ଼ୀ ଠାକୁରାଣୀଙ୍କୁ ଦଳେଇଗୁଡ଼ା, ମାଝୀଗୁଡ଼ା, ଡକରାଗୁଡ଼ା, ତଣ୍ଡାଗୁଡ଼ା, ସୁନାଡଙ୍ଗରି, ପାପଡ଼ାହାଣ୍ଡି ନେଇ ପୂଜାର୍ଚ୍ଚନା କରାଯିବା ଶେଷ ଦିନରେ ମା' ବୁଢ଼ୀ ଠାକୁରାଣୀଙ୍କୁ ମାଝୀଗୁଡ଼ା ସ୍ଥିତ ନିଜ ଭଉଣୀଙ୍କ ପୀଠରେ ପୁଣି ଥରେ ପୂଜାର୍ଚ୍ଚନା କରାଯିବ।



ସେଠାରେ ବିଭିନ୍ନ ଦୋକାନ ବଜାର ବସିବା ସହ ରାତ୍ରିରେ ଲୋକଙ୍କ ମନୋରଞ୍ଜନ ପାଇଁ ଦେଶିଆ ନାଟ,ମେଲୋଡି ପ୍ରଦର୍ଶିତ ହେବ ବୋଲି ସୂଚନା ମିଳିଛି। ଯାତ୍ରାକୁ ପରିଚାଳନା କମିଟି ସଭାପତି ଗୁପ୍ତେଶ୍ୱର ପାଇକ, ବାସୁ ନାୟକ, ତ୍ରିନାଥ ମାଝୀ, ଯତୀନ ନାୟକ, ଅଲେଖ ବେହେରା, ପ୍ରସାଦ ନାୟକ ଓ ତପୁ ସାହୁ ପରିଚାଳନାରେ ସହଯୋଗ କରୁଛନ୍ତି।

## ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

କାକିରିଗୁମା,୨୫।୫(ସମିସ): ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ କାକିରିଗୁମା ଶ୍ରୀଧାମ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଆଜି ଅପରାହ୍ନରେ ଆସନ୍ତା ରଥ ଯାତ୍ରା ଆୟୋଜନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଶ୍ରୀଧାମ ମନ୍ଦିର ସଭାପତି ଡାଳବନ୍ଧୁ ମହାକୁଡ ସଭାପତିତ୍ୱ କରିଥିଲେ। କପିଳେଶ୍ୱର ବିଶୋଇ, ମନ୍ଦିର ସମ୍ପାଦକ ବୈଠକକୁ ପରିଚାଳନା କରିଥିଲେ। ବୈଠକରେ ଚଳିତ ବର୍ଷ ରଥଯାତ୍ରା ଶାନ୍ତି ଶୃଙ୍ଖଳା ସହିତ ପରିଚାଳନା ହେବ ଏହାକୁ ଦୃଷ୍ଟିରେ ରଖି ଯାତ୍ରା ପରିଚାଳନା ସଭାପତି ନୈଷଧ ବିଶୋଇ, ସଭାପତି ଭାବରେ ଚୟନ କରାଯାଇଥିଲା। ପ୍ରଭାକର ପାତ୍ର ଉପସଭାପତି, ବାସୁଦେବ ବିଶୋଇ ସମ୍ପାଦକ, ବେଣୁଧର ଚଲାଣ କୋଷାଧ୍ୟକ୍ଷ ଭାବରେ ଚୟନ କରାଯାଇଛି। ମନ୍ଦିର ପରିଚାଳନା କମିଟିର ସଦସ୍ୟ ମାନେ ହେଲେ ଦିବାକର ବିଶୋଇ , ଜିତେନ୍ଦ୍ର ବିଶୋଇ, ଭୁବନେଶ୍ୱର ବିଶୋଇ, ନୀଳ ସାଉଁନ୍ତା, ହେମନ୍ତ ବିଶୋଇ, ସ୍ମୃତିଚନ୍ଦ୍ର ପୃଷ୍ଟି କମିଟିର ଅନେକ ସଦସ୍ୟ ଓ ବୁଦ୍ଧିଜୀବୀ ଗ୍ରାମବାସୀ ଉପସ୍ଥିତ ଥିଲେ।

**● ମଣ୍ଡିରେ ରବିଧାନ ବିକ୍ରି**

## ଚାଷୀ ସଚେତନତା ରଥ ଶୁଭାରମ୍ଭ

ଜୟପୁର, ୨୫।୫(ସମିସ): ଆସନ୍ତା ରବିଋତୁର ଉତ୍ପାଦିତ ଧାନ ଫସଲ ମଣ୍ଡିରେ ବିକ୍ରି ନେଇ ଆଜି ଜୟପୁର ଆଞ୍ଚଳିକ ନିୟନ୍ତ୍ରୀତ ବଜାର କମିଟି (ଆରଏମସି) ପକ୍ଷରୁ ୩ଟି ଚାଷୀ ସଚେନତନ ରଥର ଶୁଭାରମ୍ଭ କରାଯାଇଛି। ଜୟପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ଆରଏମସି ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ଯଦୁମଣି ପ୍ରଧାନ ନଡିଆ ଭାଙ୍ଗି ପତକା ଦେଖାଇବା ପରେ ଏହି ରଥ ପ୍ରସାର ପ୍ରଚାର ପାଇଁ ଜୟପୁର ଉପଖଣ୍ଡର ଜୟପୁର, ବୋରିଗୁମ୍ମା, କୋଟପାଡ, କୁନ୍ଦୁରା ଏବଂ ବୈପାରୀଗୁଡା ବ୍ଲକରେ ରବିଧାନ ଚାଷ କରିଥିବା ପଞ୍ଜିକୃତ ଚାଷୀ ମାନେ ସେମାନଙ୍କ ନିର୍ଦ୍ଧାରିତ ମଣ୍ଡରେ ଧାନ ଆଣି ବିକ୍ରି କରିବାକୁ ସଚେନତ କରିବା ସହିତ ଏଫଏକ୍ୟୁ ମାନର ଧାନ ଆଣିବା ପୂର୍ବରୁ ଧାନକୁ ଶୁଖାଇ ଓ ସଫା କରାଯାଇ ଆଣିବାକୁ ସୂଚନା ଦିଆଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ଜୁନ ୪ କିମ୍ବା ୫ ତାରିଖରେ ଜିଲ୍ଲାର ରବିଧାନ କ୍ରୟ ନେଇ ମଣ୍ଡି ଶୁଭାରମ୍ଭ କରିବା ନେଇ ଧାର୍ଯ୍ୟ କରାଯାଇଛି। ଏହି ଅବସରରେ ଆରଏମ୍‌ସି ସମ୍ପାଦକ ତୁଷାର କାନ୍ତ ସେଠୀ, କର୍ମଚାରୀ ଶିବଶଙ୍କର ପଣ୍ଡା, ଲିଙ୍ଗରାଜ ପ୍ରହରାଜ, ଜିତେନ୍ଦ୍ର ରଥ, ସୁଶାନ୍ତ ଦାଶ, ମନଜିତ୍ ହରିଜନ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର



କୋରାପୁଟ,୨୫।୫(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଏବଂ ଏସ୍‌ପି ରୋହିତ ବର୍ମା ମିଳିତ ଭାବେ ଜନଶୁଣାଣି କରିଥିଲେ। ଶିବିରରେ ୧୬ ଗୋଷ୍ଠୀଗତ ଓ ୩୦ଟି ବ୍ୟକ୍ତିଗତକୁ ମିଶାଇ ମୋଟ ୪୬ ଅଭିଯୋଗର ଶୁଣାଣି ହୋଇଥିଲା। ସେଥି ମଧ୍ୟରୁ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡ଼ିକୁ ଯଥାଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବରଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିର ଶେଷରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଚେକ୍ ପ୍ରଦାନ କରାଯାଇଥିଲା।

## ଡ. ରୁଦ୍ରାଣୀ ମହାନ୍ତିଙ୍କ ବିୟୋଗରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଶୋକସଭା

କୋରାପୁଟ,୨୫।୫(ସମିସ): କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ପୂର୍ବତନ ମୁଖ୍ୟ ଡକ୍ଟର ରୁଦ୍ରାଣୀ ମହାନ୍ତିଙ୍କର ଅକାଳ ବିୟୋଗରେ



କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏବଂ କର୍ମଚାରୀମାଙ୍କ ଦ୍ୱାରା ଏକ ଶୋକସଭାର ଆୟୋଜନ କରାଯାଇଥିଲା। ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀମାନେ ଡକ୍ଟର ମହାନ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କର ସ୍ମୃତି ଚାରଣ କରିଥିଲେ। ଶୋକସଭାରେ ଅଧ୍ୟକ୍ଷତା କରି କୁଳପତି ପ୍ରଫେସର ପଣ୍ଡା, ଡକ୍ଟର ମହାନ୍ତିଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରିଥିଲେ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତି ତାଙ୍କର ଅବଦାନକୁ ଗଭୀର ସମ୍ମାନ ସହିତ ମନେ ପକାଇଥିଲେ। ପ୍ରଫେସର ପଣ୍ଡା କହିଥିଲେ ଯେ ଡକ୍ଟର ରୁଦ୍ରାଣୀ ମହାନ୍ତିଙ୍କ ପରି ଜଣେ ପ୍ରାଣବନ୍ତ ପ୍ରବୀଣଙ୍କୁ ହରାଇବା ସିୟୁଓ ଏବଂ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ପ୍ରଫେସର ପଣ୍ଡା ଡକ୍ଟର ମହାନ୍ତିଙ୍କ ସଂସ୍କୃତ ଭାଷା ବ୍ୟତୀତ ତାଙ୍କର ଦକ୍ଷତାକୁ ମନେ ପକାଇଥିଲେ। ଡକ୍ଟର ରୁଦ୍ରାଣୀ ମହାନ୍ତିଙ୍କ ଜୀବନ, କାର୍ଯ୍ୟ ଏବଂ ଅବଦାନ ଉପରେ ଏକ ସ୍ମାରକୀ ପ୍ରକାଶ କରିବାକୁ କୁଳପତି ଘୋଷଣା କରିଥିଲେ। ଡକ୍ଟର ରମେନ୍ଦ୍ର ପାରି, କୁଳପତି ଡକ୍ଟର ରାକେଶ ଲେଙ୍କା, ଅଧ୍ୟାପକ ଦୁର୍ଯ୍ୟୋଧନ ସେଠୀ, ଅର୍ଥ ଅଧିକାରୀ, ଡକ୍ଟର ନିର୍ଝରିଣୀ ତ୍ରିପାଠି, ମୁଖ୍ୟ ୱାର୍ଡେନ ବୈଠକରେ ଉପସ୍ଥିତ ଥିଲେ ଏବଂ ଡକ୍ଟର ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓଡିଆ ବିଭାଗର ମୁଖ୍ୟ ଡକ୍ଟର ପ୍ରଦୋଷ କୁମାର ସ୍ୱାଇଁ ଡକ୍ଟର ମହାନ୍ତିଙ୍କ ସହ କାମ କରିବାର ଅଭିଜ୍ଞତା ଏବଂ ବିଭାଗର ବିକାଶରେ ତାଙ୍କର ଅବଦାନକୁ ମନେ ପକାଇଥିଲେ। ସ୍ୱର୍ଗୀୟା ମହାନ୍ତି ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତି ନିକେତନର ପ୍ରତିଷ୍ଠିତ ଓଡିଆ ବିଭାଗର ପୂର୍ବତନ ଛାତ୍ରୀ ଥିଲେ। ସେ ୨୦୦୯ ମସିହାରେ କୋରାପୁଟ ଠାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ପରେ ଯୋଗ ଦେଇ ୨୦୨୪ ମସିହାରେ ବିଭାଗୀୟ ମୁଖ୍ୟ ଭାବରେ ଅବସର ନେଇଥିଲେ। ଜଣେ ଶିକ୍ଷାବିତ ବ୍ୟତୀତ, ଡକ୍ଟର ମହାନ୍ତି ଆକାଶବାଣୀର ଜଣେ ତାଲିକାଭୁକ୍ତ ଉଦ୍‌ଘୋଷିକା ଏବଂ ବାରିପଦା ଓ କୋରାପୁଟର ରଥଯାତ୍ରାରେ ଜଣେ ନିୟମିତ ଭାଷ୍ୟକାର ଥିଲେ।

## ରାଇଘରରେ ଯୁଗ୍ମ ଜନଶୁଣାଣି ଶିବିର



ରାଇଘର,୨୫।୫(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ପ୍ରତ୍ୟକ୍ଷ ଶୁଣାଣି ଏବଂ ତୁରନ୍ତ ସମାଧାନ ପାଇଁ ଆଜି ରାଇଘର ପଞ୍ଚାୟତ ସମିତି ଗୃହରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ଶିବିରର ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱନ, ଅତିରିକ୍ତ ଜିଲ୍ଲାପାଳ ଶରତ ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିତୁ ସିଂ, ତହସିଲଦାର ମନମୋହନ ସାହୁ, ଏ.ବିଡିଓ ବିଜୟ କୁମାର ସେଠୀ, ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଉପ-ମଣ୍ଡଳୀୟ ପୋଲିସ ଅଧିକାରୀ ଶୁଭେନ୍ଦୁ ଶବର ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣିରେ ମୋଟ ୨୭ ଜଣ ଆବେଦନକାରୀ ନିଜ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥି ମଧ୍ୟରୁ ୨୨ଟି ବ୍ୟକ୍ତି ଗତ ସମସ୍ୟା ଅଭିଯୋଗ ଓ ୫ ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ଶିବିରରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୧୦ ଜଣଙ୍କୁ ମଧୁବାବୁ ପେନସନ ସହାୟତା କାର୍ଡ ଓ ଜଣଙ୍କୁ ଦିବ୍ୟାଙ୍ଗ ସୁନିଲ ଚେୟାର ଏବଂ ଅନ୍ତୋଦୟ ଗୃହ ଯୋଜନାରେ ୬ ଜଣ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ଅଭିଯୋଗ ଶୁଣାଣି ସକାଳ ୭ଟା ଠାରୁ ୧୦ ଘଣ୍ଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

## ଜିଲ୍ଲା ଚିକିତ୍ସାଳୟର ରୋଗୀ କ୍ୟାବିନ୍‌ରେ ଲାଗିଲା ଏୟାର କଣ୍ଡିସନର

ଜୟପୁର, ୨୫।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କେନ୍ଦ୍ରୀୟ ଶୀତତାପ ନିୟନ୍ତ୍ରୀତ ମେସିନ କାର୍ଯ୍ୟ କରୁନଥିବା ବେଳେ ରୋଗୀ ରହିବା ନେଇ ସ୍ୱତନ୍ତ୍ର କ୍ୟାବିନରେ ଏୟାର କଣ୍ଡିସନର ନଥିବା ଯୋଗୁଁ ରୋଗୀ ହଇରାଣ ହେଉଥିଲେ। ଏ ନେଇ ଶନିବାର ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଜିଲ୍ଲା ଚିକିତ୍ସାଳୟର ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିବା ବେଳେ ଏସି କାର୍ଯ୍ୟ କରୁନଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏହିପରି ବିଧାୟକଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକରେ କେନ୍ଦ୍ରୀୟ ଶୀତତାପ ନିୟନ୍ତ୍ରିତ ମେସିନକୁ ଶିଘ୍ର କାର୍ଯ୍ୟକାରୀ କରିବାକୁ ଉପସ୍ଥିତ ସରକାରୀ ବିଦ୍ୟୁତ ବିଭାଗ (ଜିଇଡି)ର ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଏହା ପୂର୍ବରୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ତୁରନ୍ତ ୧୨ଟି ସ୍ୱତନ୍ତ୍ର କ୍ୟାବିନରେ ଏୟାର କଣ୍ଡିସନର ସଂଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ନିର୍ଦ୍ଦେଶ ପରେ ଆଜି କ୍ୟାବିନ ଗୁଡିକରେ ସଂଯୋଗୀକରଣ କାର୍ଯ୍ୟ ଆରମ୍ଭ ହୋଇଥିବା ନେଇ ବିଧାୟକଙ୍କ ଜିଲ୍ଲାଚିକିତ୍ସାଳୟ ପ୍ରତିନିଧି ସାଧୁ ଚରଣ ଦାଶଚୌଧୁରୀ ସୂଚନା ଦେଇଛନ୍ତି ।



**● କୁଟ୍ରାଗଡ ଗାଁରେ ସାମାଜିକ ବାସନ୍ଦ ଅଭିଯୋଗର ସମାଧାନ**

## ପ୍ରଶାସନର ହସ୍ତକ୍ଷେପ ପରେ ଫେରିଲା ଶାନ୍ତି

ମୁନିଗୁଡା,୨୫।୫(ସମିସ): ରାୟଗଡ଼ ଜିଲ୍ଲା ମୁନିଗୁଡା ଥାନା ଅଧିନସ୍ଥ କୁଟ୍ରାଗଡ ଗାଁରେ ସାମାଜିକ ବାସନ୍ଦ ନେଇ ଉଠିଥିବା ଅଭିଯୋଗ ପରେ ପ୍ରଶାସନ ତତ୍ପରତା ଦେଖାଇ ଗାଁରେ ପହଞ୍ଚି ସମସ୍ୟାର ସମାଧାନ କରିଛି। ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଓ ବିଷମକଟକ ତହସିଲଦାର କେ. ଭେଙ୍କେଟସ୍ୱର ରେଡି ଗ୍ରାମକୁ ଯାଇ ଉଭୟ ପକ୍ଷଙ୍କୁ ଡାକି ଘଣ୍ଟା ଘଣ୍ଟା ଧରି ଆଲୋଚନା ଓ ବୁଝାସୁଝା କରିଥିଲେ। ତଦନ୍ତ ଓ ଆଲୋଚନା ପରେ ସାମାଜିକ ବାସନ୍ଦ ହୋଇଥିବା ନେଇ ହୋଇଥିବା ଅଭିଯୋଗ ସଠିକ୍ ନୁହେଁ ବୋଲି ସ୍ପଷ୍ଟ ହୋଇଥିଲା। ଗ୍ରାମର ଉଭୟ ପକ୍ଷ ମଧ୍ୟରେ କୌଣସି ଏକ ଘଟଣାକୁ କେନ୍ଦ୍ର କରି ମନାନ୍ତର ଓ ମତାନ୍ତର ସୃଷ୍ଟି ହୋଇଥିବା ତଦନ୍ତରେ ଜଣାପଡିଥିଲା। ପ୍ରଶାସନ ପକ୍ଷରୁ ଉଭୟ ପରିବାର ଓ ଗ୍ରାମବାସୀଙ୍କୁ ଗ୍ରାମର ନୀତିନିୟମକୁ ମାନି ଚଳିବା ସହ ପୂର୍ବ ଭଳି ମିଳିମିଶି ରହିବାକୁ ପରାମର୍ଶ ଦିଆଯାଇଥିଲା। ଗ୍ରାମରେ ଶାନ୍ତି ଓ ସଦ୍ଭାବ ରକ୍ଷା ପାଇଁ ସମସ୍ତେ ଏକତାର ସହ କାମ କରିବାକୁ ପ୍ରଶାସନ ନିବେଦନ କରିଛି। ପ୍ରଶାସନର ହସ୍ତକ୍ଷେପ ଓ ଆଲୋଚନା ପରେ ଗାଁରେ ପୁଣିଥରେ ସାଧାରଣ ପରିସ୍ଥିତି ଫେରିଥିବା ଜଣାପଡିଛି।



ଏହି ଆଲୋଚନା ବେଳେ ସିଡିପିଓ ସାଗ୍ନିକା ସାହୁ, ସୁପରଭାଇଜର ବିନତାବାଳା ପଟ୍ଟନାୟକ, ସୁପରଭାଇଜର ବୈଦେହୀ ମାଣ୍ଡାଙ୍ଗି, ଅଙ୍ଗନୱାଡି କର୍ମୀ ସୁଦେଷ୍ଣା ବାଘ, ଗ୍ରାମବାସୀଙ୍କ ସମେତ ଗାଁ ମୁଖିଆ ଅଭିଯୋଗ କରିଥିବା ପରିବାର ଉପସ୍ଥିତ ରହିଥିଲେ।

## ମାଛକୁଣ୍ଡ ଜଳବିଦ୍ୟୁତ୍ ଅଗ୍ନିକାଣ୍ଡ ସ୍ଥିତି ଅନୁଧ୍ୟାନ

ଲମତାପୁଟ,୨୫।୫(ସମିସ):

ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ଅଗ୍ନିକାଣ୍ଡ ଘଟଣାକୁ ନେଇ ଚାରିଆଡେ ଚର୍ଚ୍ଚାର ବିଷୟ ପାଲଟିଛି । ଆଜି ଆନ୍ଧ୍ରପ୍ରଦେଶ ଏପି. ଯେନକୋର ଡାଇରେକ୍ଟର ସୁଜୟ କୁମାର ଘଟଣାର ଅନୁଧ୍ୟାନ କରିଛନ୍ତି ଏବଂ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲକା ପ୍ରକଳ୍ପରେ ଘଟିଥିବା ଘଟଣାର ଅନୁଧ୍ୟାନ କରିବା ସହ ନବୀକରଣ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବା ନେଇ କହିଛନ୍ତି। ଡାଇରେକ୍ଟର ସୁଜୟ କୁମାର ପ୍ରକଳ୍ପରେ ନଷ୍ଟ ହୋଇଥିବା ଯନ୍ତ୍ରାଂଶ ଗୁଡିକର ଟିକି ନିଖି ଯାଞ୍ଚ କରିଛନ୍ତି । କେବୁଲ ଲାଇନ ଜଳିଯାଇଥିବା ଏବଂ କଣ୍ଟ୍ରୋଲ ରୁମର କଣ୍ଟ୍ରୋଲ ପେନାଲ ନଷ୍ଟ ହୋଇଯାଇଥିବା କହିଛନ୍ତି । ଦୁଇମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସାରିବା ଲକ୍ଷ ରଖିଛନ୍ତି ସେ । ପ୍ରାଥମିକ ତଦନ୍ତରୁ ଦୁଇ କୋଟିରୁ ଉର୍ଦ୍ଧ ଟଙ୍କାର କ୍ଷୟକ୍ଷତି ହୋଇଥିବା ଆକଳନ କରଯାଇଛି । ଅନ୍ୟପକ୍ଷରେ କୋରାପୁଟ ସାଂସଦ ଘଟଣାରେ କୌଣସି ଜୀବନ ହାନି ହୋଇନଥିବା ଏବଂ ସମସ୍ତେ ସୁରକ୍ଷିତ ଥିବା ନେଇ ଖୁସିବ୍ୟକ୍ତ କରିବା ସହ ୨୦୨୦ ରେ ନବୀକରଣ ପାଇଁ ଉଭୟ ରାଜ୍ୟ ସରକାରଙ୍କ ଚୁକ୍ତି ଅନୁଯାଇ ୮ ଶହ କୋଟି ବେୟ ବରାଦରେ ନବୀକରଣ ହୋଇଥାନ୍ତା। କେଉଁ କାରଣରୁ ଆଜିପର୍ଯ୍ୟନ୍ତ ରାଜ୍ୟ ସରକାର ଏହି କାର୍ଯ୍ୟକୁ ଆରମ୍ଭ କରିନାହାନ୍ତି ଏବଂ ପ୍ରକଳ୍ପଟି କିପରି ନବୀକରଣ ହେବ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବା ନେଇ କୋରାପୁଟ ସାଂସଦ କହିଛନ୍ତି । କ୍ଷୟକ୍ଷତିର ଅକାଳନ କରାଯାଇ ଖୁବ୍‌ଶୀଘ୍ର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ନେଇ ଓଏଚ୍‌ପିସି ଇ ଡିଜିଏମ୍ କହିଛନ୍ତି। କିନ୍ତୁ ପ୍ରଶ୍ନ ଉଠୁଛି ଅଗ୍ନି ନିରାପତ୍ତା ପାଇଁ ଯନ୍ତ୍ରାଶ ଗୁଡିକ କାର୍ଯ୍ୟ କରୁନଥିବା ଏବଂ ଡାଇରେକ୍ଟର ଆସିବା ଦେଖି ନୂତନ ଅଗ୍ନି ଲିଭା ସିଲିଣ୍ଡର ଗୁଡିକ ଆଣି ରଖିବା ନେଇ ବିଭନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି । ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। କେଉଁ କାରଣରୁ ଏହି ପ୍ରକଳ୍ପକୁ ସିସି ଟିଭିଭୁକ୍ତ କରାଯାଇନାହିଁ। ଉର୍ନ୍ନତ ମାନର ଏମସିବି ବସି ଥିଲେ ମଧ୍ୟ ଟ୍ରିପ ନହୋଇ ସଟ୍‌ସର୍କିଟ ହେଲା କେମିତି ଏହି ବିଷୟରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଗୋଚର ହେବା ଆବଶ୍ୟକ ରହିଛି।

# ଜିଲ୍ଲାପାଳ ଘଟଣାର ତୁରନ୍ତ ତଦନ୍ତ କରିବାକୁ ଦେଲେ ନିର୍ଦ୍ଦେଶ

କୋରାପୁଟ/ ପୋଡ଼ାଗଡ଼, ୨୫।୫ (ସମିସ): ଭାରତୀୟ ରେଡ୍‌କ୍ରସ୍ ସୋସାଇଟିର ନାମ ବ୍ୟବହାର କରି କୋରାପୁଟ-ମାଲକାନଗିରି ସୀମାନ୍ତରେ ଗତ ୨୪ ଏପ୍ରିଲ ୨୦୨୬ରେ ରେଡକ୍ରସ ସୋସାଇଟି ନାମରେ ଅବୈଧ ଅର୍ଥ ସଂଗ୍ରହ ଘଟଣାକୁ ନେଇ ଆଜି କୋରାପୁଟ ଜିଲ୍ଲାପାଳଙ୍କ ଗ୍ରୀଭାନ୍ସ ସେଲରେ ଅଭିଯୋଗ ଦାଖଲ ହୋଇଛି। ମାଲକାନଗିରି ଜିଲ୍ଲାର ରେଡ୍‌କ୍ରସ ସୋସାଇଟିର ଆଜୀବନ ସଦସ୍ୟ ରାମକୃଷ୍ଣ ଚୌଧୁରୀ ଏହି ଅଭିଯୋଗ ଦାଖଲ କରିଥିବା ଦେଖାଯାଇଛି। ଅଭିଯୋଗ ଅନୁଯାୟୀ, ଇଷ୍ଟ ଇଣ୍ଡିଆ କନ୍‌ଷ୍ଟ୍ରକ୍ସସନ୍, ଏସ୍‌ପୁର , ଭୁବନେଶ୍ୱର ନାମକ ଏକ ସଂସ୍ଥା ଭାରତୀୟ ରେଡ୍‌କ୍ରସ୍ ସୋସାଇଟିର ନାମ ବ୍ୟବହାର କରି ବିଭିନ୍ନ ସ୍ଥାନରେ ବାଇକ୍ ଓ ଚାରିଚକିଆ ଯାନ ଚାଳକଙ୍କ ଠାରୁ ୧୦ ଓ ୨୦ ଟଙ୍କା କରି ଅର୍ଥ ସଂଗ୍ରହ କରୁଥିବା ଅଭିଯୋଗ ହୋଇଛି। ଏହି ଅର୍ଥ ସଂଗ୍ରହ ରକ୍ତଦାନ ଶିବିର ଓ ରେଡକ୍ରସ ନାମରେ କରାଯାଉଥିବା ବେଳେ ରସିଦରେ ଦାତାଙ୍କ ବିବରଣୀ ନଥିବା ଓ ଖାଲି ରସିଦ ପୁସ୍ତିକା ବ୍ୟବହୃତ ହେଉଥିବା ନେଇ ଗୁରୁତର ପ୍ରଶ୍ନ ଉଠିଛି। ଏହି ଘଟଣାକୁ ଗୁରୁତର ସହ ନେଇ କୋରାପୁଟ ଜିଲ୍ଲାପାଳ ତଥା ଜିଲ୍ଲା ରେଡ୍‌କ୍ରସ୍ ସୋସାଇଟିର ସଭାପତି ତୁରନ୍ତ ଏସ୍‌ପିଙ୍କୁ ତଦନ୍ତ ପାଇଁ ପଠାଇଥିବା ସୂଚନା ମିଳିଛି। ପ୍ରଶାସନ ପକ୍ଷରୁ ଆବଶ୍ୟକ ହେଲେଏସ୍. କେ.ମହାନ୍ତି(ଉପ-ସଭାପତି) ମୋବାଇଲ ନମ୍ବର ୯୧୨୪୬୩୩୮୧ ଓ ବି.ଏଲ୍. ମିଶ୍ର, ସମ୍ପାଦକ ତଥା ପ୍ରତିଷ୍ଠାତା ଇ.ଇ. କନଷ୍ଟ୍ରକସନ୍, ଭୁବନେଶ୍ୱରଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିବା ସହ ଶୀଘ୍ର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ନନ୍ଦପୁର ତହସିଲ ଓ ବନ୍ଧୁଗାଁ ତହସିଲ ଦ୍ୱାରା ଜାରି ହୋଇଥିବା ଅର୍ଥ ସଂଗ୍ରହ ରସିଦ ସମ୍ପର୍କରେ ମଧ୍ୟ ତତ୍କାଳ ତଦନ୍ତ କରିବାକୁ ପ୍ରଶାସନିକସ୍ତରରେ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗକାରୀ ଶ୍ରୀ ଚୌଧୁରୀ ସାଧାରଣ ଲୋକଙ୍କୁ ଆହ୍ୱାନ କରି କହିଛନ୍ତି ଯେ, ଭାରତୀୟ ରେଡ଼କ୍ରସ୍ ସୋସାଇଟି ନାମରେ କାର୍ଯ୍ୟାଳୟ ବାହାରେ କୌଣସି ବ୍ୟକ୍ତି କିମ୍ବା ସଂଗଠନକୁ ଅର୍ଥ ପ୍ରଦାନ ନ କରନ୍ତୁ। ସନ୍ଦେହଜନକ ଅର୍ଥ ସଂଗ୍ରହ ଘଟଣା ଦେଖିଲେ ତୁରନ୍ତ ପ୍ରଶାସନକୁ ଅବଗତ କରିବାକୁ ସେ ଅନୁରୋଧ କରିଛନ୍ତି। ଏହି ବିଷୟରେ ଭୁବନେଶ୍ୱର ରେଡକ୍ରସ୍ କାର୍ଯ୍ୟାଳୟରୁ ମଧ୍ୟ ଅପ୍ରେଲ ୨୯ ତାରିଖରେ କୋରାପୁଟ ଓ ମାଲାକାନଗିରି ଜିଲ୍ଲାପାଳଙ୍କୁ ଏହାର ତଦନ୍ତ ପାଇଁ ପତ୍ରାଳାପ ହୋଇଛି। ଘଟଣାଟି ସାମାଜିକ ସଂଗଠନ ନାମରେ ଅବୈଧ ଅର୍ଥ ସଂଗ୍ରହ ନେଇ ନୂଆ ଚର୍ଚ୍ଚା ସୃଷ୍ଟି କରିଥିବା ବେଳେ ଏକ ମାସ ବିଳମ୍ବରେ ହେଲେ ମଧ୍ୟ ପ୍ରଶାସନ ପକ୍ଷରୁ ତଦନ୍ତକୁ ନେଇ ତତ୍ପରତା ପ୍ରକାଶ ପାଇଥିବାରୁ ସାଧାରଣରେ ସ୍ୱାଗତ କରାଯାଇଛି।

# ସଂରକ୍ଷଣ ଦାବି କରି ରାଜରାସ୍ତାରେ ମହିଳା ବିଜେଡି






ଲକ୍ଷ୍ମୀପୁର,୨୫।୫(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଠାରେ ସୋମବାର ଦିନ ନିର୍ବାଚନ ମଣ୍ଡଳୀସ୍ତରୀୟ ଏକ ମହିଳା ସମାବେଶ ଆୟୋଜନ କରାଯାଇ ଥିଲା। ଏଥିରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ୭ଶହରୁ ଅଧିକ ବିଜେଡି ପ୍ରେମୀ ସାମିଲ ହୋଇଥିଲେ। ଏହା ଜିଲ୍ଲା ସଭାପତି ଝିନ୍ନ ହିକ୍କାଙ୍କ ନେତୃତ୍ୱ ଓ ବ୍ଲକ ସଭାପତି ବିପିନ ମାଣ୍ଡିଙ୍ଗାଙ୍କ ତତ୍ତ୍ୱାବଧାନରେ ଏକ ବିରାଟ ରାଲି ରେଳବାଇ ଛକ ଠାରୁ ବହାରି ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବ୍ଲକ ଅଭିମୁଖେ ବାହାରି ଥିଲେ। ସେଠାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ସବ୍ୟସାଚୀ ବେହେରାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ସାରା ଦେଶରେ ମହିଳାମାନଙ୍କ ସଂରକ୍ଷଣକୁ ନେଇ ଚାଲିଛି ଡବଲ ଇଞ୍ଜିନ ସରକାରଙ୍କ ଏକ ମିଛ ପ୍ରଚାର। ବିଜେଡି ସରକାର ଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କ ପାଇଁ ସର୍ବୋଚ୍ଚ ସଂରକ୍ଷଣ ଆଣିଥିଲେ। ଏବେ ତାହା ସପନ ପାଲଟିଛି। ୨୦୨୩ ମସିହାରେ ମହିଳାଙ୍କ ପାଇଁ ଲୋକସଭାରେ ୩୩ ଶତକଡ଼ା ସଂରକ୍ଷଣ ଆଇନ ଆଣି ପାସ୍ କରିଥିବା ସରକାର ବାହାସ୍ଫୋଟ ମାରିଥିଲେ । କିନ୍ତୁ ତାହା କେବଳ ପ୍ରତାରଣା ଥିଲା। ସରକାରଙ୍କ ଅସଲ ରୂପ ପଦାକୁ ଆସି ଯାଇଛି। ଏହାକୁ ଘଣ୍ଟ ଘୋଡାଇବା ପାଇଁ ବିଭିନ୍ନ ବାହାନା କାଢୁଛନ୍ତି। ବିଜେଡି ଏହାକୁ କେବେ ଛାଡ଼ିବ ନାହିଁ, ସଂଘର୍ଷ କରି ମହିଳାଙ୍କୁ ଉଚିତ ନ୍ୟାୟ ପ୍ରଦାନ ଦିଗରେ କାମ କରିବ। ଆଜି ରାଜ୍ୟରେ ମହିଳାଙ୍କ ପ୍ରତି ଅନ୍ୟାୟ ଅତ୍ୟାଚାର ବୃଦ୍ଧି ପାଇଛି। ଶାନ୍ତିପୂର୍ଣ୍ଣ ଏବଂ ଭାଇଚାରାର ଓଡ଼ିଶା ଅଶାନ୍ତ ହୋଇଯାଇଛି। ସାରା ବିଶ୍ୱରେ ଲଜ୍ଜିତ ଓ ନିନ୍ଦିତ ହେଉଛି ବୋଲି ରାଷ୍ଟ୍ରପତିଙ୍କୁ ନିଜ ପତ୍ର ମାଧ୍ୟମରେ ଦର୍ଶାଇଛନ୍ତି। ୨୦୨୩ ମସିହାରେ ଗୃହୀତ ହୋଇ ଥିବା ବିଲ୍‌କୁ ପାସ କରାଯାଉ ଏବଂ ବିଧାନସଭା ଓ ଲୋକ ସଭାରେ ମହିଳାଙ୍କୁ ୩୩ ଶତକଡ଼ା ସଂରକ୍ଷଣ ଦିଆଯାଉ। ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ଚାଲିଥିବା ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ରାଷ୍ଟ୍ରପତିଙ୍କୁ ସ୍ମାରକ ପତ୍ର ମାଧ୍ୟମରେ ନିବେଦନ କରାଯାଇଛି। ଏହି ସମୟରେ ବନ୍ଧୁଗାଁ, ନାରାୟଣପାଟଣା, ଲକ୍ଷ୍ମୀପୁର ବ୍ଲକର ଶତାଧିକ ଦଳୀୟ ପ୍ରେମୀ ରହିଥିଲେ। ପୂର୍ବତନ ବିଧାୟକ ତଥା କୋରାପୁଟ ରଘୁରାମ ପାଡାଲ, ପଟ୍ଟାଙ୍ଗି ପ୍ରଫୁଲ୍ଲ ପାଙ୍ଗି, ଲକ୍ଷ୍ମୀପୁର ପ୍ରଭୁ ଯାନୀ ଜିଲ୍ଲା ମହିଳା ସଭାପତି ପାର୍ବତୀ ମସ୍ତି, ସାଂସଦ ପ୍ରତିନିଧୀ କୌଶଲ୍ୟା ହିକକା, କାର୍ଯ୍ୟକାରୀ ସଭାପତି ପ୍ରସାଦ ବିଡିକା, ଜିଲ୍ଲା ଯୁବ ସଭାପତି ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ଛାତ୍ର ସଭାପତି ଫିରୋଜ ପାଡାଲ ଓ ଲତା ରୟ ଏଥିରେ ସାମିଲ ହୋଇଥିଲେ। ତିନି ବ୍ଲକର ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ଲଙ୍କୀ ମିଣିଆକା, ପୂର୍ଣ୍ଣିମା ଯାନୀ ସାମିଲ ହୋଇ ଥିଲେ । ଏହା ବ୍ୟତୀତ ରାଜ୍ୟ ଯୁବ ସଧାରଣ ସମ୍ପାଦକ ଶଙ୍କର ସାଉଁନ୍ତା , ଜିଲ୍ଲା ସାଧାରଣ ସମ୍ପାଦକ କୁମୁଦ ଚନ୍ଦ୍ର ସାଉଁନ୍ତା ଓ ନାରାୟଣପାଟଣା ବ୍ଲକ ସଭାପତି ପ୍ରହଲ୍ଲାଦ ଖୋସ୍ଲା, ଦଶମନ୍ତପୁର ବ୍ଲକ ସଭାପତି ମହେନ୍ଦ୍ର କୁଲଦୀପ, ବନ୍ଧୁଗାଁ ବ୍ଲକ ସଭାପତି ଦୁର୍ଯୋ ନାଗ, ଜିଲ୍ଲା ସମ୍ପାଦକ ମନହର ମୁଦୁଲୀ, ଅରୁଣ ରଥ ଯୁଗ୍ମ ସମ୍ପାଦକ ଏବଂ ପୂର୍ବତନ ଅଧ୍ୟକ୍ଷା ଶାନ୍ତିଲତା କୁଲେସିକା ସମେତ ନିର୍ବାଚନ ମଣ୍ଡଳୀର ୫୧ଟି ପଞ୍ଚାୟତରୁ ଆସିଥିବା ପଞ୍ଚାୟତ ସଭାପତି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବିଜେଡିର ଚିନ୍ତାଧାରାକୁ ନେଇ ଡବଲ ଇଞ୍ଜିନ ସରକାର ଉପରେ ବର୍ଷି ଥିଲେ। ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ଦେଶର ଶିକ୍ଷିତ ବେକାର ଯୁବପିଢ଼ିଙ୍କୁ ଅସରପା ସହ ତୁଳନା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜକ ବୋଲି ବିଜେଡି କହିଛି।

● କାଳବୈଶାଖୀରେ ଭାଙ୍ଗିଗଲା ଘର

# ଅଳ୍ପକେ ବର୍ତ୍ତିଲେ ପରିବାର ଲୋକ

ସେମିଲିଗୁଡା, ୨୫।୫ (ସମିସ): କୋରାପୁଟ ଜିଲ୍ଲା ସେମିଲିଗୁଡ଼ା ବ୍ଲକ ଅନ୍ତର୍ଗତ ପରଜା ମୁଠାଇ ପଞ୍ଚାୟତର ପାଟଖମରା ଗ୍ରାମର ବଳରାମ ଖିନବୁଡିଙ୍କ ପତ୍ନୀ ରୁକୁନା ଖିନବୁଡିଙ୍କ ଘର କାଳବୈଶାଖୀ ପବନ ଓ ବର୍ଷାରେ ସୋମବାର ନଷ୍ଟ ହୋଇଛି। ପାଟଖମରା ଗ୍ରାମର ବଳରାମ ଖିନବୁଡିଙ୍କ ଘର ଆଜବେଷ୍ଟର୍ସ ଛପର ଉଡ଼ିଯାଇ ଭାଙ୍ଗିଯାଇ ଥିବା ଦେଖିବାକୁ ମିଳିଛି। ଅନ୍ୟ ଏକ ଘର ବାରଣ୍ଡାରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ସେମାନେ ବର୍ଷକ ପାଇଁ ସାଇତି କରି ରଖିଥିବା ଧାନ, ମାଣ୍ଡିଆ, ଅମଳ



ଖାଦ୍ୟଶସ୍ୟ ବର୍ଷାରେ ଭିଜି ନଷ୍ଟ ହୋଇଥିବା କହିଛନ୍ତି। ଗୋଟିଏ ପରିବାରର ସଦସ୍ୟ ଦୁଇ ପୁଅ ଏବଂ ଦୁଇ ଝିଅ ଅପରାହ୍ନ ୨ଟା ସମୟରେ ଘରେ ଥିବା ବେଳେ ହଠାତ୍ ପ୍ରବଳ ବର୍ଷା ଘଡ଼ଘଡ଼ି ସହ ପବନ ହେବା ଯୋଗୁଁ ଘର ସିଟ୍ ଖସିପଡିଥିଲା । ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି ପରିବାରର ଲୋକେ। ଘର ଭାଙ୍ଗିଯିବା ପରେ ଏବେ କେଉଁଠି ରହିବେ, ତା'କୁ ନେଇ ଚିନ୍ତାରେ ଅଛନ୍ତି ପରିବାର। ଘରେ ଏପରି ଘଟଣା ଘଟିଛି। ଲଗାଣ ବର୍ଷାରେ ଭାଙ୍ଗିଯାଇଛି। ଘର ଭିତରେ ଥିବା ଜିନିଷ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ଆବାସ ଯୋଜନାରେ ଘର ଖଣ୍ଡେ ମିଳିପାରିନଥିବା ଅଭିଯୋଗ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି। ଉଭୟ ପରିବାରଙ୍କୁ ଘର ଯୋଗାଇବା ସହ ପ୍ରାଥମିକତା ଭିତ୍ତିରେ ଖୁବ ଶୀଘ୍ର ଆବାସ ଗୃହମନ୍ତ୍ରୀ ଯୋଗାଇବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ଦୃଷ୍ଟି ଆକର୍ଷଣ କରିବାକୁ ଦାବି କରିଛନ୍ତି। ସେହିପରି ବିଭିନ୍ନ ଅଞ୍ଚଳରେ ବର୍ଷାର୍ ପବନରେ ଅନେକ ଘର କ୍ଷତିଗ୍ରସ୍ତ ହୋଇଛି।

# ମଦ ବନ୍ଦ ପାଇଁ ଗର୍ଜିଲେ ମହିଳା

## ଆନ୍ଦୋଳନକୁ କଂଗ୍ରେସର ସମର୍ଥନ




ତେନ୍ତୁଳିଖୁଣ୍ଟି ,୨୫।୫(ସମିସ): ତେନ୍ତୁଳିଖୁଣ୍ଟି ବ୍ଲକ ଅମଳାଭଟ୍ଟା ପଞ୍ଚାୟତ ଅନ୍ତର୍ଗତ ଡେଙ୍ଗାଗୁଡ଼ା ଗ୍ରାମର ମହିଳା ମାନେ ମଦ ବନ୍ଦ ପାଇଁ ଗର୍ଜନ କରିବା ଆରମ୍ଭ କରିଛନ୍ତି। ଗାଁ ଠାରୁ ଆରମ୍ଭ କରି ସମଗ୍ର ପଞ୍ଚାୟତରେ କୋଉଠି ମଦ ବିକ୍ରି ପାଇଁ ଦେବେନି। ଯିଏ ମଦ ପିଇ ଗାଁ ଦାଣ୍ଡରେ କିମ୍ବା ଘରେ ଅଶାନ୍ତି ସୃଷ୍ଟି କରେ ତାକୁ ସାବଡ଼ କରିବାକୁ ପଣ କରିଛନ୍ତି। ଏହାର ପ୍ରତିବାଦରେ ଡେଙ୍ଗାଗୁଡ଼ା ଗ୍ରାମର ମହିଳା ମାନେ ମଦ ବନ୍ଦ ପାଇଁ ଏକ ବିଶାଳ ଶୋଭାଯାତ୍ରା କରିଥିବା ବେଳେ ଏହି ଆନ୍ଦୋଳନକୁ କଂଗ୍ରେସ ସମର୍ଥନ ଜଣାଇଛି। ସୂଚନା ଅନୁଯାୟୀ ଦିନକୁ ଦିନ ନବରଙ୍ଗପୁର ଜିଲ୍ଲା ତଥା ସାରା ଓଡିଶାରେ ବିହାରୀ ମଦ, ଦେଶୀ ଓ ବିଦେଶୀ ମଦ ବିକ୍ରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହା ଦ୍ୱାରା ଅଶିପ୍ରତିଶତ ପରିବାରରେ ଅଶାନ୍ତି ଲାଗିରହୁଛି। ମଦ୍ୟପାନ ଦ୍ୱାରା ବହୁ ପରିବାର ସର୍ବସ୍ୱାନ୍ତ ହେଲେଣି। ଏହି ପ୍ରରିପ୍ରେକ୍ଷୀରେ ତେନ୍ତୁଳିଖୁଣ୍ଟି ଓ ପାପଡାହାଣ୍ଡି ବ୍ଲକର ବିଭିନ୍ନ ଗ୍ରାମରୁ ପ୍ରାୟ ଏକ ହଜାର ରୁ ଉର୍ଦ୍ଧ ମହିଳା ମଦ ବନ୍ଦ କରିବାକୁ ଅଣ୍ଟା ଭିଡ଼ିଥିବା ଦେଖିବାକୁ ମିଳିଛି। ଆଜି ସମସ୍ତ ମହିଳା ଅମଳା ଭଟା ପଞ୍ଚାୟତର ଡେଙ୍ଗାଗୁଡ଼ା ଗ୍ରାମରୁ ମଦ ବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଆଗାମୀ ଦିନରେ ଏହି ଆନ୍ଦୋଳନ ସମଗ୍ର ନବରଙ୍ଗପୁର ଜିଲ୍ଲାରେ ବ୍ୟାପିବାର ସମ୍ଭାବନା ରହିଛି ବୋଲି ଆନ୍ଦୋଳନ କାରି ମହିଳା କହିଛନ୍ତି। ଏହା ପୂର୍ବରୁ ତେନ୍ତୁଳିଖୁଣ୍ଟି ଥାନା, ତହସିଲ ଓ ଜିଲ୍ଲାପାଳ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଥିବା ନଜିର ରହିଛି। ଏହି ଆନ୍ଦୋଳନକୁ କଂଗ୍ରେସ ସମର୍ଥନ କରିଥିବା ଜଣାପଡିଛି। ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମନୋରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଡେଙ୍ଗାଗୁଡା ଠାରେ ବିଶାଳ ସଭାର ଆୟୋଜନ ହୋଇଥିଲା। ପୂର୍ବତନ ବିଧାୟକ ସଦନ ନାୟକ ସଭାପତିତ୍ୱରେ ଆୟୋଜିତ ସଭାରେ ତେନ୍ତୁଳିଖୁଣ୍ଟି ବ୍ଲକ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷା ତଥା ମହିଳା କଂଗ୍ରେସ ସଭାନେତ୍ରୀ ପି.ନାଗରତ୍ନମ, ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ ସଭାପତି ପ୍ରହ୍ଲାଦ ହିୟାଲ,ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଭୀମସେନ ପାଣିଗ୍ରାହୀ,ପୂର୍ବତନ ଆଦିବାସୀ ସେଲ ସଭାପତି ଅଖିଳ ଭତ୍ରା, ନନ୍ଦାହାଣ୍ଡି ବ୍ଲକର ବରିଷ୍ଠ କଂଗ୍ରେସ ନେତା ବୃନ୍ଦାବନ ତ୍ରିପାଠୀ, ଅବଦୁଲ ଫିରୋଜ, ପୂଜାରୀଗୁଡା ପଞ୍ଚାୟତ ପୂର୍ବତନ ସରପଞ୍ଚ କୁମର ପୂଜାରୀ, ବରିଷ୍ଟ କଂଗ୍ରେସ ନେତା ବୃନ୍ଦାବନ ବିଷୋୟୀ, ବରିଷ୍ଟ କଂଗ୍ରେସ ନେତା ଦିଲୀପ ପ୍ରଧାନୀ, ମଦ ଆନ୍ଦୋଳନ ର ସଂଗଠକ ଦେବରାଜ ନାୟକ, ରାଜେଶ ଜାନି ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ମଦ ବନ୍ଦ ଅଭିଯାନକୁ ସଫଳ କରିବାକୁ ଆହ୍ୱାନ କରିଥିଲେ। ମହିଳାଙ୍କ ଏଭଳି ମଦ ବିରୋଧୀ ଆନ୍ଦୋଳନକୁ କଂଗ୍ରେସ ପୂର୍ଣ୍ଣରୂପେ ସମର୍ଥନ କରିବେ ବୋଲି ମଞ୍ଚାସୀନ ନେତା ମାନେ କହିଥିଲେ।

ଶହୀଦ ମାଟିର ଲୋକଙ୍କୁ ମିଳୁନି ମୌଳିକ ସୁବିଧା

# ଜନଶୁଣାଣିରେ ଅଭିଯୋଗ କଲେ ଗାଁ ଲୋକେ

ବୈପାରୀଗୁଡା,୨୫।୫(ସମିସ):



ଆଜି ବି ରାସ୍ତା, ପାଣି ଓ ବିଜୁଳି ଭଳି ମୌଳିକ ସମସ୍ୟାରେବୁଡିରହି ନିଜ ଅଧିକାର ପାଇଁ ସଂଘର୍ଷ କରୁଛନ୍ତି ସଂଗ୍ରାମ ମାଟି ତେନ୍ତୁଳିଗୁମ୍ମାର ୬ ଖଣ୍ଡ ଗାଁ ଲୋକେ।ଏ ସମସ୍ତ ସମସ୍ୟା ସମାଧାନ ପାଇଁ ବହୁବାର ପଞ୍ଚାୟତସ୍ତର ଠାରୁ ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଅଧିକାରୀ ଏବଂ ଜନ ପ୍ରତିନିଧିଙ୍କୁ ଜଣାଇ ଆସୁଛନ୍ତି । କିନ୍ତୁ କୌଣସି ସୁଫଳ ନାହିଁ । ତଥାପ ୬ ଖଣ୍ଡ ଗାଁ ଲୋକେ ହାରମାନିନାହାନ୍ତି । ନିଜ ଅଧିକାର ପାଇଁ କରୁଛନ୍ତି ସଂଘର୍ଷ । ଆଜି ତେନ୍ତୁଳିଗୁମ୍ମା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣିରେ ଗାଁ ଲୋକେ ପହଞ୍ଚି ସ୍ଥାନୀୟ ଏବିଡିଓ ନୋବେଦିତା ଦଣ୍ଡସେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ, ତେନ୍ତୁଳିଗୁମ୍ମା ନଦୀ ଆରପଟେ ଥିବା ୬ ଖଣ୍ଡ ଗାଁ ତଥା ଭେଜିନିଗୁଡା, ମାଛାଗୁଡା, ମାଟିଗୁଡା, କଣ୍ଡା ବାଉଁସିଆଗୁଡା, ମାଙ୍କଡପାଣି ଆଦି ଗାଁରେ ମୌଳିକ ସୁବିଧା ପହଞ୍ଚି ନାହିଁ । ଯିବା ଆସିବା ପାଇଁ ନିତିଦିନିଆ ରାସ୍ତା ଖଣ୍ଡିଏ ନାହିଁ । ପିଇବା ପାଇଁ ପାଣି ନାହିଁ । ନଳକୂପ ଅଛି । କିନ୍ତୁ ପାଣି ବାହାରୁନି । ସୋଲାର ପାଣି ପମ୍ପ ଅଛି । କିନ୍ତୁ ଆରମ୍ଭରୁ ଅଚଳ। ବାଧ ହୋଇ କିଛି ମହିଳା ନଦୀ ପାଣି ଉପରେ ଭରସା କରନ୍ତି ତ ଆଉ କିଛି ଲୋକେ ଚୁଆଁ ପାଣି ବ୍ୟବହାର କରନ୍ତି । ଆଉ ସଞ୍ଜ ହେଲେ ମାଡ଼ି ଆସେ ଅନ୍ଧାର। କାରଣ ଏଠାରେ ବିଦ୍ୟୁତ ସଂଯୋଗ ହୋଇନାହିଁ । ପ୍ରଶାସନ ତରଫରୁ ଦିଆଯାଇଛି ସୋଲାର । କିନ୍ତୁ ସେ ସବୁ କାମରେ ଆସୁନି। ଡିବିରୀ ଆଲୁଅରେ ବିତିଯାଏ ଜୀବନ। ତେନ୍ତୁଳିଗୁମ୍ମା ଠାରୁ ଦଣ୍ଡାବାଡି ଦେଇ ବୈପାରିଗୁଡା ଯାଏ ରାସ୍ତାଟିଏ ନିର୍ମାଣ କରିବା ପାଇଁ ବହୁବାର ଦାବି ପରେ ଗତ ୨୦୨୧ ମସିହାରେ ୧୪ କୋଟି ଟଙ୍କା ବ୍ୟୟରେ ବିଜୁ ସେତୁ ଯୋଜନାରେ ବ୍ରିଜ କାର୍ଯ୍ୟ ଆରମ୍ଭ ହେଲା । କିନ୍ତୁ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରୁନାହିଁ। ପ୍ରଶାସନର ଉଦାସୀନତା ହେତୁ ଏହି ପୋଲ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ। ତେନ୍ତୁଳିଗୁମ୍ମା ସମେତ ଆଖପାଖ ଗ୍ରାମ ଗୁଡ଼ିକର ବହୁବିଦ୍ଧ ସମସ୍ୟା ରହିଥିଲେ ମଧ ସେଥିପ୍ରତି କାହାର ନଜର ନାହିଁ। ଆଉ ଏକ ଗୁରୁତ୍ୱ ପୂର୍ଣ୍ଣ ସମସ୍ୟା ହେଲା ଏଠାରେ ଭରା ନଇ ପାର ହେବା ପାଇଁ ଦେଶୀ ଡ଼ଙ୍ଗା ଏକ ମାତ୍ର ଭରସା। ଜୀବନଙ୍କୁ ବାଜି ଲଗାଇ ବିପଦ ସଂକୁଳ ଅବସ୍ଥାରେ ଭଙ୍ଗା ଡ଼ଙ୍ଗାରେ ନଦୀ ପାର ହେଉଛନ୍ତି। ଭଙ୍ଗା ଡ଼ଙ୍ଗାରେ ପାଣି ଭରିଯାଉଛି । ତଥାପି ବାଧ ହୋଇ ନଦୀ ପାର ହେବାକୁ ପଡୁଛି ବୋଲି କହିଛନ୍ତି ୬ ଖଣ୍ଡଗାଁ ଲୋକେ । ଏଣୁ ଆଜି ବୈପାରୀଗୁଡା ବ୍ଲକ ପ୍ରଶାସନକୁ ସମସ୍ୟା ସମାଧାନ ପାଇଁ ଦାବି କରିଛନ୍ତ ଗାଁ ଲୋକେ।

## ୬ ଖଣ୍ଡ ଗାଁ ଲୋକେ ପାଣି, ରାସ୍ତା ଓ ବିଜୁଳି ପାଇଁ କରୁଛନ୍ତି ସଂଘର୍ଷ

# ସମାଜସେବା ପାଇଁ ଡ. ବଦେପୁ ରବି ସମ୍ମାନିତ

ରାୟଗଡ଼,୨୫।୫(ସମିସ): ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ରାୟଗଡ ଜିଲ୍ଲାର ଗୁମୁଡା ଲକ୍ଷ୍ମୀପୁର ଗ୍ରାମର ସମାଜସେବୀ ଡ. ବଦେପୁ ରବିଙ୍କୁ ମହାରାଷ୍ଟ୍ର ରାଜ୍ୟର ପୁନେ ସହରରେ ହୋଟେଲ ନିଉ ମୋଶୀ ଗ୍ରାଣ୍ଡ ସମ୍ମିଳନୀ କକ୍ଷରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଡ. ରବିଙ୍କୁ ସ୍ମାରକୀ ,ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମାଜସେବା ପାଇଁ ସମ୍ମାନିତ କରାଯାଇଛି। ଭାରତୀୟ ଆୱାର୍ଡ କାଉନ୍‌ସିଲ ପ୍ରତିଷ୍ଠାତା ଡ. ଅନୁ କ୍ରିଷ୍ଣା, ମୁଖ୍ୟ ଅତିଥି, ଅଧକ୍ଷ ଅନ୍ତର୍ଜାତୀୟ ମାନବ ଅଧିକାର ସୁରକ୍ଷା କାଉନସିଲ, ଡ. ଆଲୋକ କୁମାର ବୋଷ, ସମ୍ମାନିତ ଅତିଥି ଅଧକ୍ଷ ମାନବ ଅଧିକାର ଆସୋସିସନ ଶିବଦାସ ନାରାୟଣ ମହାଜନ ଓ ବରିଷ୍ଠ ଅତିଥି ବିଜୟ ଜ୍ଞାନେଶ୍ୱର ଚହ୍ୱାନ ପ୍ରମୁଖ ଉପସ୍ଥିତ ହୋଇଥିଲେ। ମୁଖ୍ୟ ଅତିଥି ଡ. ଆଲୋକ କୁମାର ବୋଷ ପ୍ରଦୀପ ପଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଡ଼କ୍ଟର ବୋଷ ସମାଜସେବୀ ମାନଙ୍କ ଭୂମିକା, ଦାୟିତ୍ୱବୋଧ ଏବଂ ସମାଜସେବୀର ମୂଲ୍ୟବୋଧ ଉପରେ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ସମାଜସେବୀ ମାନ୍‌ଙ୍କ ସ୍ୱାଧୀନତା, ସୁରକ୍ଷା ଓ ଉନ୍ନତି ସମ୍ପର୍କରେ ଆଲୋଚନା ରଖିଥିଲେ। ଭାରତୀୟ ଆୱାର୍ଡ କାଉନସିଲ ପ୍ରତିଷ୍ଠାତା ଡ. ଅନୁ କ୍ରିଷ୍ଣା କହିଛନ୍ତି ରାୟଗଡର ଡ. ରବିଙ୍କୁ ଗରିବ ଶିଶୁଙ୍କ ଶିକ୍ଷାର ବିକାଶ ଓ ଆର୍ଥିକ ସାହାଯ୍ୟ କରି ଏହି ମହାନ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଛି। ଡ.ବଦେପୁ ରବିଙ୍କୁ ସାମାଜିକ ସେବା ପାଇଁ ସମ୍ମାନିତ ହୋଇଥିବାରୁ ରାୟଗଡ ଜିଲ୍ଲାରେ ବୁଦ୍ଧିଜୀବି ମହଲରେ ପ୍ରଶଂସା ଓ ଶୁଭେଚ୍ଛାର ସୁଅ ଛୁଟିଛି।




# ଦୁର୍ଗମ ସୁକୁରେ ଚକ୍ଷୁ ଶିବିର; ୪୩ଜଣଙ୍କ ଚକ୍ଷୁ ପରୀକ୍ଷା

ଦାମନଯୋଡି,୨୫।୫(ସମିସ): କୋରାପୁଟ ଜିଲ୍ଲା ଭ୍ରାମ୍ୟମାଣ ଦୃଷ୍ଟିକେନ୍ଦ୍ର ପକ୍ଷରୁ କୋରାପୁଟ ବ୍ଲକର ସୁକୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଠାରେ ସୋମବାର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ ସୁକୁ ପଞ୍ଚାୟତର ବିଭିନ୍ନ ଗ୍ରାମର ୪୩ ଜଣ ଚକ୍ଷୁରୋଗୀ ଯୋଗ ଦେଇଥିଲେ। ସେଥିମଧ୍ୟରୁ ୧୯ ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ ସହିତ ଓ ୬ଜଣଙ୍କ ଦୃଷ୍ଟିଦୋଷ ପରୀକ୍ଷା ହୋଇଛି। ମୋତିଆବିନ୍ଦୁ ରୋଗୀଙ୍କ କୋରାପୁଟରେ ମାଗଣା ଚିକିତ୍ସା ହେବ। ଶିବିରରେ ମାଗଣା ଔଷଧ ସହିତ ରୋଗୀଙ୍କର ରକ୍ତ ଶର୍କରା ଓ ରକ୍ତଚାପ ପରୀକ୍ଷା ମଧ୍ୟ ହୋଇଥିଲା। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁମନ କୁମାର ଟପ୍ପୋଙ୍କ ତତ୍ତ୍ୱାବଧାନରେ ତଥା ସୁକୁ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଆଇ ମୂରଲୀ ସାଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ଚକ୍ଷୁ ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ଚକ୍ଷୁ ପରୀକ୍ଷା କରିଥିଲେ। ସୁପରଭାଇଜର ଜଗନ୍ନାଥ ବିଶ୍ୱାସରାୟ, ଫାର୍ମାସିଷ୍ଟ ଜ୍ୟୋତି ପ୍ରକାଶ ମହାପାତ୍ର, ସ୍ୱାସ୍ଥ୍ୟ କର୍ମୀ କମଲୁ ଖରା ପରିଚାଳନା କରିଥିଲେ। ଗଣେଷ ଛତ୍ରିଆ, ଅଜୟ ଖିଲ ଓ ଜଳେନ୍ଦ୍ର ପାଟନିଆ କଳ୍ପିନାଶ ଗୌଡ଼ଙ୍କ ସହିତ ଆଶାକର୍ମୀ ତୁଳା କିର୍ଷାନି, ନବୀନା ପାଙ୍ଗି, ମାଳତୀ ଖିଲ,ଡଲି ମାଝି ଓ ଚିତାଇ ସୁକିଆ ପ୍ରମୁଖ ସହଯୋଗ କରିଥିଲେ।



# ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ; ନବରଙ୍ଗପୁର ଜିଲ୍ଲା ଦଳ ଘୋଷିତ

ନବରଙ୍ଗପୁର: ୨୫।୫( ସମିସ): ଓଡ଼ିଶା ଫୁଟବଲ୍ ସଂଘ ଆନୁକୂଲ୍ୟରେ ବ୍ରହ୍ମପୁର ଠାରେ ଅନୁଷ୍ଠିତ ହୋଉ ଥିବା ଜୋନାଲ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଏକ କୋଡ଼ିଏ ଜଣିଆ ନବରଙ୍ଗପୁର ଜିଲ୍ଲା ଦଳ ଘୋଷଣା ହୋଇଛି। ସେମାନଙ୍କ ମଧ୍ୟରେ ସତିଶ ହିଆଲ, ଚନ୍ଦନ କଟିମ୍, ବଜେନ୍ଦ୍ର ମହୁକା, ଅନିକେତ ମନ୍ଦାର, ଅଭିଜିତ୍ ହରିଜନ, ସେମସଙ୍ଗ ବାଘ୍, ନିକିଶ ହରିଜନ, ହରିଶ ଚନ୍ଦ୍ର ବାଘ, ଆର୍ବାଜ୍ ଖାନ୍, ଆର୍ଯ୍ୟନ ହିରନ୍, ଗୋପାଳ ହରିଜନ, ଲିଙ୍କନ ରାଉତରାୟ, ଅଜିତ୍ ସିଂ ଗଣ୍ଡ, ନସବିନ ପର୍ଜା, ମହୋନ ସାନ୍ତା, ଅର୍ଜୁନ ପରଜା, ରାଜୀବ ସାନ୍ତା, ରିତେଶ ବାୱାଲି, ନାସିର ଡଙ୍ଗରି, ସାମ ସନ୍ ହନ୍ତାଳ, ଆମର ପାଙ୍ଗି, ସଲମାନ୍ ନାଗ, ଅନିସ୍ କୁମାର ସୁନା ପ୍ରମୁଖ ସୁଯୋଗ ପାଇଛନ୍ତି। ଉକ୍ତ ଦଳ ଚୟନ ନିମନ୍ତେ ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ଦୂର୍ଯ୍ୟ ହରିଜନ, ଫିରୋଜ ହିଆଲ ଏବଂ ଲାଲୁ ହରିଜନ ଙ୍କୁ ଦାଇତ୍ୱ ଦିଆ ଯାଇଥିଲା। ସୂଚନା ଯୋଗ୍ୟ ଯେ ଉକ୍ତ ଚୟନ ନିମନ୍ତେ ଏକ ଦିନିଆ ଚୟନ କାର୍ଯ୍ୟକ୍ରମ ରଖାଯାଇଥିଲା ଏବଂ ଏଥି ପୂର୍ବରୁ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ସେଥି ମଧ୍ୟରୁ ଜିଲ୍ଲାରୁ ମୋଟ ୪୦ ଜଣ ଖେଳାଳି ଚୟନ ହୋଇଥିଲେ। ସେମାନେ ସମସ୍ତଙ୍କୁ ନେଇ ୪ ଟି ଦଳରେ ଭାଗ କରି ଖେଳା ଯାଇଥିଲା ଏବଂ ତନ୍ମଧ୍ୟରୁ ଅନ୍ତିମ ୨୨ ଜଣ ଖେଳାଳି ଚୟନ କରାଯାଇଛି। କ୍ରୀଡାବିତ୍ ସପନ ବୈରାଗୀ ଉକ୍ତ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଦଳର ସଫଳତା ନିମନ୍ତେ ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପ ସଭାପତି ଏମ.ବାଲା କୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଇଣ୍ଡୋର ସମ୍ପାଦକ କୃଷ୍ଣ ପଟ୍ଟନାୟକ, ହକି ସମ୍ପାଦକ ଦୁର୍ଗା ମଲିକ୍, ମହିଳା ସମ୍ପାଦିକା ଇଁ. ଚନ୍ଦନା ମଲ୍ଲିକ, କ୍ରିକେଟ୍ ସମ୍ପାଦକ ଅଶୋକ ନାୟକ ସମେତ କ୍ରୀଡା ସଂଘର ଅନ୍ୟ ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି।



# ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

କୋଟପାଡ, ୨୫।୫(ସମିସ): କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋଟପାଡ଼ ବ୍ଲକର ସରକାରୀ(ଏସ୍‌ଏସ୍‌ଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷା ଫଳ ବିଭିନ୍ନ ମହଲରେ ଆଲୋଚନାର ବିଷୟ ପାଲଟିଛି। ଏହି ଅନୁଷ୍ଠାନର ଆରମ୍ଭରୁ କାର୍ଯ୍ୟରତ ପ୍ରିନ୍ସପାଲ ତଥା ଅଧ୍ୟାପକ ଅଧ୍ୟାପିକାମାନଙ୍କ ଅନବରତ ପରିଶ୍ରମ ଦ୍ୱାରା ବର୍ଷକୁ ବର୍ଷ ସଫଳତାର ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଆସୁଛି। ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଏହି ଅନୁଷ୍ଠାନର ମୋଟ ୧୧୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ଶତ ପ୍ରତିଶତ ସଫଳତା ହାସଲ କରିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ଖବର ହସ୍ତଗତ ହୋଇଛି। ମୋଟ ୧୧୪ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୮୪ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୩ ଜଣ ପରୀକ୍ଷାର୍ଥୀ ଦ୍ୱିତୀୟ ଶ୍ରେଣୀ ଏବଂ ୭ ଜଣ ପରୀକ୍ଷାର୍ଥୀ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଅମ୍ରିତା ସାହୁ ମୋଟ ୫୨୪ ନମ୍ବର ରଖି ଅନୁଷ୍ଠାନ ପାଇଁ ପ୍ରଥମ ହୋଇଥିଲା ବେଳେ ଧରିତ୍ରୀ ଜାନୀ ୫୧୮ ମାର୍କ ସହ ଦ୍ୱିତୀୟ ଏବଂ ସଞ୍ଜୁକ୍ତା ମାଝୀ ୫୦୫ ମାର୍କ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅଭିଭାବକ ମହଲରୁ ଅନୁଷ୍ଠାନର ପ୍ରିନ୍ସପାଲ ରଞ୍ଜିତା ମହନ୍ତ, ଅଧ୍ୟାପକ ଆଶିଷ କୁମାର ଭୂଏ, ହେମନ୍ତ କୁମାର ବେହେରା, ଜିତେନ୍ଦ୍ର ନାରାୟଣ ନାଗ, ମିଣ୍ଟୁ ମୈତୀ ତଥା ଅଧ୍ୟାପିକା ଡକ୍ଟର ମୁଚିପଲି ସୈଲଜା ଏବଂ ସାଧନା ମହାନ୍ତିଙ୍କୁ ଅନେକ ଅଭିନନ୍ଦନ ଓ ଧନ୍ୟବାଦ ଅର୍ପଣ କରାଯାଇଥିବା ଜଣାପଡ଼ିଛି।

# ଅସହ୍ୟ ଗ୍ରୀଷ୍ମ ପ୍ରଭାବ, ଜଳାଶୟରେ ମରିଗଲେ ମାଛ

ଜୟପୁର, ୨୫ ।୫(ସମିସ): ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ସମଗ୍ର କୋରାପୁଟ ଜିଲ୍ଲା ଏବେ ସିଝୁଛି। ଗତ ତିନି ଦିନ ଧରି ଜୟପୁର, କୋଟପାଡ଼, ବୈପାରୀଗୁଡ଼ା, କୁନ୍ଦୁରା, ବୋରିଗୁମ୍ମା, ବନ୍ଧୁଗାଁ ଓ ନାରାୟଣପାଟଣା ଅଞ୍ଚଳରେ ପ୍ରଚଣ୍ଡ ଖରା ଓ ତାତିଲା ପବନ ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଇଛି। ଦିନବେଳେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ପହଞ୍ଚୁଥିବା ବେଳେ ପାହାଡ଼ିଆ ଓ ସାଧାରଣତଃ ଶୀତଳ ଅଞ୍ଚଳ ଭାବେ ପରିଚିତ ପଟ୍ଟାଙ୍ଗି, ନନ୍ଦପୁର, ସୁନାବେଡ଼ା, ଲମତାପୁଟ, ଦଶମନ୍ତପୁର ଓ କୋରାପୁଟରେ ମଧ୍ୟ ଏହି ଋତୁରେ ସର୍ବାଧିକ ୩୮କୁ ୩୯ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗତ ଦଶ ବର୍ଷ ମଧ୍ୟରେ ଏପରି ଅସହ୍ୟ ତାପପ୍ରବାହ ଦେଖାଯାଇନଥିଲା। ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ସକାଳ ୧୧ଟା ପରେ ବଜାର, ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ଅଧିକାଂଶ ବନ୍ଦ ହୋଇଯାଉଛି। ବିଭିନ୍ନ ରାସ୍ତା ଓ ଜାତୀୟ ରାଜପଥରେ ଯାତାୟାତ ପ୍ରାୟ ଠପ୍ ହୋଇପଡ଼ିଥିବା ଦେଖାଯାଇଛି। ଅତ୍ୟଧିକ ଗରମ ପ୍ରଭାବରେ ଜୟପୁର ନିକଟସ୍ଥ ଖଜୁରି ବନ୍ଧ ଜଳାଶୟରେ ଶତାଧିକ ମାଛ ଓ ଜଳଜୀବ ମୃତ ଅବସ୍ଥାରେ ଭାସୁଥିବା ଦେଖାଯାଇଛି। ପ୍ରବଳ ଖରା ଯୋଗୁଁ ଜଳାଶୟରେ ଜଳର ର କମିବା ସହ ଅମ୍ଳଜାନ ହ୍ରାସ ଓ ତାପମାତ୍ରା ବୃଦ୍ଧି ଏହାର କାରଣ ବୋଲି ସନ୍ଦେହ କରାଯାଉଛି। ଏହିପରି ଆଜି ପୂର୍ବାହ୍ନରେ ଛୋଟ ମାଛ ଠାରୁ ପ୍ରାୟ ୧୫ କିଲୋ ଓଜନର ଶତାଧିକ ବଡ ମାଛ ମରି ଭାସୁଥିଲେ। ପୌରସଂସ୍ଥା ପକ୍ଷରୁ ମୃତ୍ୟୁ ହୋଇଥିବା ମାଛ ଗୁଡିକକୁ ବାହାର କରାଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ଦୈନନ୍ଦିନ କାର୍ଯ୍ୟକଳାପ ଉପରେ ମଧ ପଡ଼ିଛି। ଲୋକମାନେ ଆବଶ୍ୟକ ନଥିଲେ ଘରୁ ବାହାରୁ ନଥିବା ଦେଖାଯାଉଛି। ଚଳିତ ବର୍ଷ ପାହାଡ଼ିଆ ଅଞ୍ଚଳରେ ମଧ ଅସହ୍ୟ ଗରମ ଅନୁଭବ ହେଉଛି। ଦିନ ସମୟରେ ସାଧାରଣ କାମ କରିବା ମଧ କଷ୍ଟକର ହୋଇପଡ଼ିଛି। ଏହି ପ୍ରବଳ ଗ୍ରୀଷ୍ମ ପ୍ରବାହ ବ୍ୟବସାୟ ଉପରେ ମଧ ପ୍ରଭାବ ପଡିଛ। ପ୍ରଚଣ୍ଡ ଖରା କାରଣରୁ ଦିନବେଳେ ଲୋକେ ବଜାରକୁ ଆସୁନାହାନ୍ତି। ଏପରି ସ୍ଥିତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ସହିତ ଦିନବେଳେ ଅନାବଶ୍ୟକ ବାହାରକୁ ନଯିବା, ପ୍ରଚୁର ପାଣି ପିଇବା ଓ ସନ୍‌ଷ୍ଟ୍ରୋକ୍‌ରୁ ବଞ୍ଚିବା ପାଇଁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।



